# ଆଦିବାସୀ ମେଳା-୨୦୧୭ (ଏକାଦଶ ସନ୍ଧ୍ୟା)

## ଆଦିବାସୀ ନୃତ୍ୟର ଝଲକ

ଭୁବନେଶ୍ୱର ତା ୫/୨/୨୦୧୭ ରିଖ ।

ୟୁନିଟ୍-୧ ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଜନରାଜ୍ୟ ଦିବସ ଠାରୁ ଚାଲିଥିବା ଆଦିବାସୀ ମେଳା ଏକାଦଶ ଦିନରେ ପହଞ୍ଚିଛି । ରବିବାର ଛୁଟିଦିନ ଥିବାରୁ ଦିନ ତିନିଟାରୁ ପଡ଼ିଆରେ ଶ୍ରଦ୍ଧାଳୁ ଦର୍ଶକମାନଙ୍କର ଭିଡ଼ ଜମିଯାଇଥିଲା । ସନ୍ଧ୍ୟାବେଳକୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାପାଇଁ ଦର୍ଶକମାନେ ବେଶ୍ ଉତ୍ସାହିତ ଥିଲେ । ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ସବ୍‌ଡେଗା ବ୍ଲକ୍ ଅନ୍ତର୍ଗତ ରସରାଜପୁର ଗାଁର ଆଦିବାସୀ କଳାକାରମାନେ ପରିବେଷଣ କରିଥିଲେ ସେମାନଙ୍କର ପାରମ୍ପରିକ ପ୍ରସିଦ୍ଧ ଓରାଓଁ ନୃତ୍ୟ । ଏହି ନୃତ୍ୟର କଳାକୌଶଳ ଦେଖି ଦର୍ଶକମାନେ ସ୍ତବ୍ଧ ହୋଇଯାଇଥିଲେ । ମହିଳା କଳାକାରମାନେ ନୃତ୍ୟ ପରିବେଷଣ କରୁଥିବା ସମୟରେ ସେହି ନୃତ୍ୟ ସହିତ ତାଳ ଦେଇ ମାହାତୋ ଟପୋ, ବିର୍ଜୁ ବାର୍ଲା ଓ ଧୀର ଗିଧୀ ସୁନ୍ଦର ଭାବରେ ମାଦଳ ବଜାଉଥିଲେ । ମାଦଳର ତାଳ ସହିତ ମିରୁ ମିଞ୍ଜଙ୍କ ଆକର୍ଷଣୀୟ ଝାଞ୍ଜ ବାଦ୍ୟ ଦର୍ଶକମାନଙ୍କୁ ଆକର୍ଷଣ କରିଥିଲା । ଓରାଓଁ ମାନଙ୍କର ସାମାଜିକ ଜୀବନଧାରା ସହିତ ନୃତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଚଇତ ପରବ, ଫାଗୁନ୍ ଯାତ୍ରା, କରମା, ବିହା ପରବ ଆଦି ସାମାଜିକ ଅନୁଷ୍ଠାନ ଓ ପର୍ବ ପର୍ବାଣି ପାଳନ ଅବସରରେ ଓରାଓଁ ପୁରୁଷ ଓ ରମଣୀମାନେ ଗାଁ ମଣ୍ଡପରେ ସମବେତ ନୃତ୍ୟ ମହୋତ୍ସବର ଆୟୋଜନ କରିଥାନ୍ତି । ମାତ୍ର ଏଠାରେ ମେଳା ପଡ଼ିଆର ମୁକ୍ତ ରଙ୍ଗମଞ୍ଚରେ ହଜାରେ ହଜାରେ ଶ୍ରଦ୍ଧାଳୁ ରାଜଧାନୀବାସୀଙ୍କ ଗହଣରେ ପାରମ୍ପରିକ ନୃତ୍ୟ ପରିବେଷଣ କରି ଓରାଓଁ କଳାକାରମାନେ ଦର୍ଶକମାନଙ୍କୁ ସେମାନଙ୍କ ନୃତ୍ୟକଳାରେ ବିମୋହିତ କରିଥିଲେ । ଓରାଓଁ ନୃତ୍ୟ ପରେ ପରେ ସୁନ୍ଦରଗଡ଼ ଜିଲାର ଲାଇଙ୍ଗ୍ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରଦର୍ଶିତ ଚମତ୍କାର ନୃତ୍ୟ କଳାରେ ଦର୍ଶକମାନଙ୍କର ମନ ଜିଣିଥିଲେ । ସେହିପରି ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ଭବାନୀପୁର

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୁନ୍ଦର ଭାବରେ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରଟାଙ୍ଗର ଛାତ୍ରଛାତ୍ରୀମାନେ କରମସାନୀ ନୃତ୍ୟକୁ ଅତି ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରିଥିଲେ । କରମାସାନୀ ଏକ କୃଷିଭିତ୍ତିକ ପୂଜା । ଭାଦ୍ରବ ମାସ ଶୁକ୍ଳ ପକ୍ଷରେ ମା କରମସାନୀଙ୍କ ପୂଜା ଗାଁ ଗାଁ ରେ ଅନୁଷ୍ଠିତ ହୋଇଥାଏ । ଏହି ପୂଜାରେ ଢୋଲ ମାଦଲ ଆଦି ବାଦ୍ୟ ବାଜିବା ସହିତ ହୁଳହୁଳି ଧ୍ୱନୀରେ ମା କରମସାନୀଙ୍କୁ ନିମନ୍ତ୍ରଣ କରାଯାଏ । ଏହାଦ୍ୱାରା ଭଲ ଫସଲ ଉତ୍ପାଦନ ହେବା ସହିତ ଫସଲରେ ରୋଗ ପୋକ ନ ଲାଗିବା ଓ ସଂସାରିକ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଇବ ବୋଲି ଆଦିବାସୀମାନଙ୍କର ଲୋକବିଶ୍ୱାସ ରହିଥାଏ । ଏହା ବ୍ୟତୀତ କରମସାନୀ ମା ସନ୍ତୁଷ୍ଟ ହେଲେ ଅପୁତ୍ରିକ ନାରୀ ପୁତ୍ର ପାଏ ଓ ନିର୍ଦ୍ଧନ ବ୍ୟକ୍ତିକୁ ଧନ ମିଳେ । ପରେ ପରେ କିସ୍ ଓ ଇନ୍ଦିରାଗାନ୍ଧୀ ମହିଳା ଛାତ୍ରୀ ନିବାସର ପିଲାମାନଙ୍କଦ୍ୱାରା ପରିବେଷିତ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ଶ୍ରଦ୍ଧାଳୁ ଦର୍ଶକମାନେ ପରମ୍ପରା ଓ ଆଧୁନିକ ନୃତ୍ୟ ଶୈଳୀର ମଧୁର ଓ ସୁନ୍ଦର ସମନ୍ୱୟ ଦେଖି ନୃତ୍ୟ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ମେଳା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।